ବାପା-ମା'ଙ୍କ ବାହାଘର କରାଇଲେ ନିଜ ପୁଅ-ଝିଅ

ଝାରସୁଗୁଡ଼ା,(ସବ୍ୟୁ): ବାହା ହୋଇ ଘରସଂସାର କଲେ। ପୁଅ ଝିଅର ବାପା ମା' ହେଲେ। ଏବେ ପରିଣତ ବୟସରେ ପୁଣିଥରେ ବରଣ ମାଳା ପକାଉଛନ୍ତି। ପୁଅ ଝିଅଙ୍କ ଉପସ୍ଥିତିରେ ହୋମ ନିଆଁକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି ବୃଦ୍ଧ ଦମ୍ପତି। ଝାରସୁଗୁଡ଼ା ରେଳବାଇ କଲୋନୀରେ ଦେଖିବାକୁ ମିଳିଛି ଏଭଳି ନିଆରା ବିହାଘର ଉତ୍ସବ। ୫୦ ଦମ୍ପତି କରିଛନ୍ତି ବିବାହ। ଏହି ବିବାହ ଅୟୋଜନ କରିଛି ଝାରଖଣ୍ଡ ଶ୍ରୀବାରୀ ସେବାଦଳ। ଝାରସୁଗୁଡ଼ା ରେଳବାଇ କଲୋନୀ ବଧୂ ବେଶରେ ସଜେଇ ହୋଇଥିଲା । ବାଜୁଛି ଢୋଲା, ବାଜୁଛି ମହୁରି। ଜଳୁଛି ହୋମ ନିଆଁ। ପୁରୋହିତଙ୍କ ମନ୍ତ୍ର ଧ୍ୱନିରେ ପ୍ରକମ୍ପିତ ହେଉଛି ପରିବେଶ। ତାହାରି ଭିତରେ ବର ବେଶରେ ସଯେଇ ହୋଇ ହୋମ ନିଆଁ ପାଖରେ ବସିଛନ୍ତି ୫୦ ବୟସ୍କ ଦମ୍ପତି। ସମସ୍ତେ ପରିଧାନ କରିଛନ୍ତି ନୂଆ ବସ୍ତ୍ର। ରୀତି ନୀତି ଅନୁସାରେ ପୂଜା ସରିବା ପରେ ସମସ୍ତେ ନିଜ ନିଜ ଅର୍ଦ୍ଧାଙ୍ଗିନୀଙ୍କ ସିନ୍ଥିରେ ସିନ୍ଦୂର ଦେଇଥିଲେ। ତାପରେ ପରସ୍ପର ଭିତରେ ବରଣ ମାଳା ପକାଇ ଥିଲେ।

ରାମମନ୍ଦିର ପରିସରରେ ଅନୁଷ୍ଠିତ ବାହାଘର କରାଇଥିଲେ ଝାଡଖଣ୍ଡ ଶ୍ରୀବାରୀ ସେବାଦଳ। ଏଭଳି ବାହାଘର କେବଳ ତିରୁପତି ମନ୍ଦିରରେ କରାଯାଇ ଥାଏ। ଏହି ବିବାହ ପଛରେ ରହିଛି ବହୁ ରହସ୍ୟ। ନିଜର ସନ୍ତାନ ସନ୍ତତି ବାପା ମାଙ୍କ ବାହାଘର କରାଇ ସେମାନଙ୍କ ଆୟୁ ବୃଦ୍ଧିର ପୂଜା କରାଇ ଥାଆନ୍ତି। ନିଜ ଯୌବନର ବିବାହ ପୁଣିଥରେ ବାସ୍ତବ ରୂପ ନେଇଥିବାରୁ ବେଶ୍ ଖୁସି ହୋଇଥିଲେ। ଏଥି ପାଇଁ ନିଜ ପରିବାର ଓ ବିବାହ ଆୟୋଜନ କରିଥିବା ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି।

ନିର୍ବାଚନ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ

ବଲାଙ୍ଗିର,(ସବ୍ୟୁ): ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ସୋମବାର ସାଧାରଣ ନିର୍ବାଚନ ୨୦୨୪ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଏସପି ଖିଲାରୀ ରିଷିକେଶ ଦ୍ୟାନଦେଓ , ଅତିରିକ୍ତ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରୀ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲାପାଳ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଭୋଟରଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ବାଚନ ଦୁର୍ନୀତି ରୋକିବା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ କଠୋର ପଦକ୍ଷେପ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଥିଲା। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ପ୍ରତି ପ୍ରଶାସନର ପ୍ରତିବଦ୍ଧତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ନିର୍ବାଚନକୁ ସଫଳ କରିବା ପାଇଁ ପ୍ରଶାସନ ଏବଂ ରାଜନୈତିକ ଦଳ ମଧ୍ୟରେ ସହଯୋଗ ଏବଂ ସମସ୍ତ ଅଂଶୀଦାରମାନଙ୍କୁ ନିର୍ବାଚନ ପ୍ରକ୍ରିୟାର ପବିତ୍ରତା ବଜାୟ ରଖିବାକୁ କହିଥିଲେ। ରାଜନୈତିକ ଦଳର ପ୍ରତିନିଧିମାନେ ନିର୍ବାଚନ ପ୍ରକ୍ରିୟାରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଆହ୍ୱାନର ମୁକାବିଲା କରିବା ଲାଗି ଗଠନମୂଳକ ଆଲୋଚନା, ବିଚାରର ଆଦାନ ପ୍ରଦାନ ଉପରେ ଧ୍ୟାନ ଦେବାକୁ କହିଥିଲେ । ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳଙ୍କ ଦ୍ୱାରା ପ୍ରଦର୍ଶିତ ସହଯୋଗର ମନଭାବକୁ ପ୍ରଶଂସା କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତଙ୍କର ମିଳିତ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ସକ୍ରିୟ ଅଂଶଗ୍ରହଣ କରିବା ସହ ଅନଲାଇନ ରେ କିପରି ନାମାଙ୍କନ ସହ ପ୍ରଶାସନର ଅନୁମତି ମାଗିବେ ସେ ବାବଦରେ ଅବଗତ କରାଯାଇଥିଲା । ସେମାନେ ଓ୍ୱେବସାଇଟ୍‌ରେ ସମସ୍ତ ତଥ୍ୟ ଭରି ଘରେ ନାମାଙ୍କନ କରିପାରିବେ । କୌଣସି ପରିସ୍ଥିତିର ସୂଚନା ବାବଦରେ ୧୯୫୦ ଟୋଲଫ୍ରି ନମ୍ବରରେ ଫୋନ କରି ଜଣେଇପାରିବେ ବୋଲି ସୂଚନା ଦିଆଯାଇଥିଲା ।

ବୈଠକରେ ଏସପି ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ବାଚନର ବିଭିନ୍ନ ଦିଗ ଯଥା କର୍ମଚାରୀ ମୁତୟନ, ଜନଗହଳି ପରିଚାଳନା, ସର୍ଭେଲାନ୍ସ ବ୍ୟବସ୍ଥା, ନିର୍ବାଚନରେ ହେଉଥିବା ଅନିୟମିତତାକୁ ରୋକିବା ଉପରେ ଆଲୋଚନା ହୋଇଥିଲା । ସମ୍ବେଦନଶୀଳ ଅଞ୍ଚଳରେ ପୁଲିସର ଉପସ୍ଥିତିକୁ ଅଧିକରୁ ଅଧିକ କରିବା, ଶାନ୍ତିପୂର୍ଣ୍ଣ ଭାବେ ରାଲି ଓ ସାଧାରଣ ସଭା ଆୟୋଜନ କରିବା ଏବଂ କୌଣସି ପ୍ରକାର ବିଶୃଙ୍ଖଳା କିମ୍ବା ବେଆଇନ ଘଟଣାକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିବା ସେ ପ୍ରକାଶ କରିଥିଲେ । କୌଣସି ରାଲି ପାଇଁ ଆଗୁଆ ଅନୁମତି ନେବା ଉପରେ ଗୁରୁତ୍ୱ ଦେବାକୁ ଜଣେଇଥିଲେ । ଶେଷରେ ଜିଲ୍ଲାପାଳ ଶ୍ରୀ ଇସଲଓ୍ୱାର ଉପସ୍ଥିତ ସମସ୍ତ ରାଜନେତା ଏବଂ ଅଧିକାରୀଗଣଙ୍କୁ ଆଗାମୀ ନିର୍ବାଚନ ସ୍ୱଚ୍ଛ ଓ ଶାନ୍ତି ପୂର୍ଣ୍ଣ ଭାବରେ ସମ୍ପାଦନା କରିବାପାଇଁ ପରାମର୍ଶ ଦେଇଥିଲେ । ନିର୍ବାଚନକୁ ସ୍ୱଚ୍ଛ ଭାବେ ସମ୍ପାଦନା କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦାନ କରିଥିଲେ ।

ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ ଦୁଲଦୁଲି କାର୍ଯ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସମ୍ବଲପୁର ଶାଖା ତରଫରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ ଦୁଲଦୁଲି କାର୍ଯ୍ୟକ୍ରମର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ଅର୍କ କେଶରୀ ଦାସ ମହାପାତ୍ର ମୁଖ୍ୟ ଅତିଥି , ମାରଓ୍ୱାଡ଼ି ଯୁବା ମଞ୍ଚ ସଭାପତି ପରାଗ ଅଗ୍ରଓ୍ୱାଲ ସମ୍ମାନିତ ଅତିଥି , ଏବିଭିପି ଓଡ଼ିଶାର ପ୍ରାନ୍ତ ସହ ସଂଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ମୁଖ୍ୟ ବକ୍ତା , ଜିଲ୍ଲା ସଂଯୋଜକ ପ୍ରିତିଶ କର ,ନଗର ସମ୍ପାଦକ ନଗେନ ରାଉତ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ମାନେ ଭାଗ ନେଇ ଅନେକ ପ୍ରତିଯୋଗିତାରେ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ। ଏକକ ସଂଗୀତରେ ଅଙ୍କିତ ସରଙ୍ଗୀ, ଏକକ ଅଭିନୟରେ ସ୍ୱରୂପା ସାର, ଚିତ୍ରାଙ୍କନରେ ଖୁସି ସାହାଣୀ, ପାରମ୍ପରିକ ବେଶଭୂଷା ପ୍ରଦର୍ଶନରେ ପ୍ରଣୀତା ମେହେର, ଏକକ ନୃତ୍ୟରେ କେ.ମ ପ୍ରୀତି ଲାଭାନ୍ୟା ,ଦଳଗତ ନୃତ୍ୟରେ ସ୍ୱୟଂ ଡାନ୍ସ ଏକାଡେମୀ , କବିତା ଆବୃତ୍ତିରେ ସନ୍ଧ୍ୟା ସିଂ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ବିକାଶ ଫାଉଣ୍ଡେସନର ଅଧକ୍ଷା ଡ଼. ମୃଦୁଳା ଠାକୁର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଏସ.ଏସ. ବରାଇ ମୁଖ୍ୟବକ୍ତା, ରାଜ୍ୟ ସହ ସଂପାଦିକା ସିମ୍ରନ୍ ପ୍ରଧାନ , ରାଷ୍ଟ୍ରୀୟ କଳା ମଞ୍ଚ ରାଜ୍ୟ ପ୍ରମୁଖ ସଂକେତ ସାହୁ, ରାଜ୍ୟ ବିଶ୍ୱବିଦ୍ୟାଳୟ ସହ ସଂଯୋଜକ ୟଶ୍ୱର୍ଧନ ତିଓ୍ୱାରୀ, ଜିଲ୍ଲା ସହ ପ୍ରମୁଖ ଜିତୁରାଜ ଚାନ୍ଦ ଉପସ୍ଥିତ ରହି ବିଜେତା ମାନଙ୍କୁ ସମ୍ମାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ରାଷ୍ଟ୍ରୀୟ କଳାମଞ୍ଚ ସଂଯୋଜକ ସ୍ୱାଧୀନ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବା ବେଳେ କୀର୍ତ୍ତିମୟୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ଅମନ ପ୍ରତୀକ ଦାସ, ସିଦ୍ଧାନ୍ତ ମଝି, ପ୍ରୀୟଂଶୁ ମେହେର, ନୀତେଶ ପାଣିଗ୍ରାହୀ, ମାନସ ପଢ଼ି, ମାନସ ଶର୍ମା ,ଲକି ଛତ୍ରିଆ , ଆୟୁଷ ରାୟ, ରାଜା ପ୍ରଧାନ, ଓଁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସୂଚନାଯୋଗ୍ୟ, ପ୍ରତିଯୋଗିତାରେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୯,୨୦,୨୧ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଭା ସଙ୍ଗମରେ ଭାଗ ନେବେ ।

ବିପଦକୁ ଆମନ୍ତ୍ରଣ କରୁଛି ବିଦ୍ୟୁତ ଖୁଣ୍ଟ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ ବକଟି ମୁଖ୍ୟ ରାସ୍ତାର ଦ୍ୱାରିକା ନଗରରେ ଏକ ୩୩କେଭି ଇଲେକ୍ଟ୍ରି ପୋଲ ରାସ୍ତା ଉପରକୁ ଦୋହଲି ରହିଛି । ଫଳରେ ଏ ରାସ୍ତାରେ ଯିବା ଆସିବା କରିବାକୁ ଲୋକେ ଭୟ କରୁଛନ୍ତି । ସ୍କୁଲ, କଲେଜ, ସୋସାଇଟି, ପଂଚାୟତ ଅଫିସ ତଥା ଅଂଚଳ ର ମୁଖ୍ୟ ରାସ୍ତା ହୋଇ ଥିବାରୁ ଦୈନନ୍ଦିନ କାର୍ଯ୍ୟରେ ଲୋକେ ଏହି ରାସ୍ତାରେ ନିର୍ଭର କରୁଥିବାରୁ କେତେବେଳେ ଯେ କାହା ଉପରେ ପଡିଯିବ ଆଶଙ୍କାରେ ରହିଛନ୍ତି ଗ୍ରାମବାସୀ । ବକଟି ଗ୍ରାମବାସୀଙ୍କ କହିବା ଅନୁସାରେ ସେକ୍ସନ ଅଫିସର ସାଲେଭଟାଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ବାରମ୍ବାର ଭିବାଗୀୟ ଅଧିକାରୀଙ୍କୁ ଜଣେଇ ଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉନାହାନ୍ତି । ତେଣୁକରି ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସି ଦାବି କରିଛନ୍ତି ।

ଗ୍ରୀଷ୍ମ ପ୍ରବାହ ଆରମ୍ଭ ପୂର୍ବରୁ ପାନୀୟ ଜଳକଷ୍ଟ

କୋକସରା,(ସବ୍ୟୁ): ଖରା ଆରମ୍ଭରୁ ଦେଖାଦେଇଛି ଗ୍ରାମାଞ୍ଚଳରେ ପାନୀୟ ଜଳକଷ୍ଟ । ପାଣି ମୁନ୍ଦାଏ ପାଇଁ ତହକ ବିକଳ ହେଉଛନ୍ତି କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମାଳ ଗ୍ରାମବାସୀ। ଗତ ଫେବୃୟାରୀ ମାସରୁ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଯୋଗାଣ ହେଉଥିବା ପାନୀୟ ଜଳ ବନ୍ଦ ରହିଛି। ଗ୍ରାମବାସୀ ମାନେ ଏନେଇ ବ୍ଲକ ପ୍ରଶାସନ ଓ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରି ଆସୁଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଫଳରେ ଖରା ମାସରେ ଉତ୍କଟ ଜଳ କଷ୍ଟ ଭୋଗୁଛନ୍ତି ସୁନାମାଳ ଗ୍ରାମବାସୀ। ସୋମବାର ସୁନାମାଳ ଗ୍ରାମର ଅରୁଣ କୁମାର ସାହୁ, ନୈବସୁତ ସାହୁ, ବସନ୍ତ କୁମାର ପୋଢ଼, ତେଜରାଜ ଦୁରିଆ, ଉଗ୍ରସେନ ସାହୁ, କୁରୁକ୍ଷେତ୍ର ନାଏକ, ତପନ ଚଣ୍ଡି, ରୁଦ୍ର ପ୍ରସାଦ ସାହୁ, ଟଙ୍କଧର ହଂସ, ଧନସିଂ ଶବର ଓ ଅନ୍ୟ ଗ୍ରାମବାସୀ ମାନେ କୋକସରା ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଶୀଘ୍ର ପାନୀୟ ଜଳ ପ୍ରକଳ୍ପ ମରାମତି କରି ଜଳ ଯୋଗାଇ ଦେବାକୁ ଲିଖିତ ଦାବି କରିଛନ୍ତି। ବିଡ଼ିଓ ଅନୁପସ୍ଥିତ କାରଣରୁ ହିସାବ ରକ୍ଷକ ଅଶୋକ କୁମାର ସେଠିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ଓ କୌଣସି ସମାଧାନ ନକଲେ ଆଗାମୀ ସମୟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ଜିଲ୍ଲା ଓକିଲ ସଂଘ ନିର୍ବାଚନ, ୪ଟି ପଦବୀ ପାଇଁ ହେବ ଲଢେଇ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ତାରିଖରେ ହେବ । ଏନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସୋମବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ତେବେ ମୋଟ ୪ଟି ପଦବୀ ପାଇଁ ନିର୍ବାଚନ ହେବ ବୋଲି ଜଣାପଡିଛି । ସଭାପତି ପଦବୀ ପାଇଁ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସାଧାରଣ ସମ୍ପାଦକ ପଦବୀଟି ଖାଲି ପଡିଛି । ଏହି ପଦବୀ ପାଇଁ ସୁରଜ ବିଶ୍ୱାଳ ନାମାଙ୍କନ ଦାଖଲ କରିଥିଲେ । ମାତ୍ର ତାଙ୍କ ଅକାଳ ବିୟୋଗ ଯୋଗୁଁ ନିର୍ବାଚନ ଆଇନ ୧୨୦ଅନୁଯାୟୀ ଏହି ପଦବୀଟି ଖାଲି ପଡିଛି । ଅନ୍ୟପଟେ ଉପସଭାପତି ପଦବୀ ପାଇଁ ରାଙ୍ଗେୟ ନାଥ ଷଡଙ୍ଗୀ ଓ ସିଦ୍ଧାର୍ଥଶେଖର ସାହୁଙ୍କ ମଧ୍ୟରେ ଲଢେଇ ହେବ । ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦେଓକିରଣ ପଟ୍ଟନାୟକ ଓ ହିମାଂଶୁ ଶେଖର ପାଣିଗ୍ରାହୀ, ସହକାରୀ ସମ୍ପାଦକ ପାଇଁ ଅନୁପ କୁମାର ପଟ୍ଟନାୟକ ଓ ନିହାର ରଞ୍ଜନ ପଟ୍ଟନାୟକ ଏବଂ କାର୍ଯ୍ୟନିର୍ବାହୀ ସଭ୍ୟ ପାଇଁ ଆଶୁତୋଷ ପାତ୍ର, ଭଗତ ସିଂ, ଦିଲ୍ଲୀପ କୁମାର ସାହୁ, ମଧୁସୂଦନ ମିତ୍ର ଓ ଶ୍ୟାମସୁନ୍ଦର ଗଡତିଆ ମଧ୍ୟରେ ଲଢେଇ ହେବ ।

ନେତାଙ୍କ ଦଳ ପରିବର୍ତ୍ତନ, କର୍ମୀ ସନ୍ଦିହାନ

ଜୟପାଟଣା,(ସବ୍ୟୁ): ୨୦୨୪ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ କଳାହାଣ୍ଡି ଜିଲ୍ଲାର ପ୍ରମୁଖ କଂଗ୍ରେସ, ବିଜେପି ଓ ବିଜେଡି ତିନିଗୋଟି ପ୍ରମୁଖ ଦଳର ନିର୍ବାଚନ ଗୋଟି ଚାଳନା ଆରମ୍ଭ ହୋଇଯାଇଛି। ମଫସଲରୁ ଆରମ୍ଭ କରି ସମଗ୍ର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଚା, ଖଟି ପର୍ଯ୍ୟନ୍ତ ନିର୍ବାଚନ ସଂକ୍ରାନ୍ତୀୟ ଚର୍ଚ୍ଚା ଜୋର୍ ଧରିଛି । ପ୍ରତ୍ୟେକ ଦଳର କର୍ମୀ ମାନଙ୍କୁ ନିର୍ବାଚନ ନିଶା ଘାରିଥିବା ଦେଖିବାକୁ ମିଳୁଥିବା ବେଳେ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ସ୍ଥାନେ ସ୍ଥାନେ ସଭା ସମିତି ଜରିଆରେ ଭୋଜିଭାତର ବ୍ୟବସ୍ଥା ମଧ ଊଣା ହେଉନାହିଁ । ନାରୀ ସଶକ୍ତିକରଣ ବାହାନାରେ ବିଭିନ୍ନ ନାରୀ ସଙ୍ଗଠନ ଗଠନ କରି ସରକାରୀ, ବେସରକାରୀ ଯୋଜନା ମାଧ୍ୟମରେ ବିଭିନ୍ନ ଆକାରେ ଆର୍ଥିକ ସହାୟତା, ବିନା ସୁଧରେ ଋଣ ପ୍ରଦାନ, ଗ୍ରୁପ୍ ଋଣ ଠାରୁ ବାଇକ୍ ଋଣ ଏପରିକି ରାତି ପାହିଲେ ଯୋଜନା ଉପରେ ଯୋଜନା ସୃଷ୍ଟ କରି ନିଜ ପକ୍ଷକୁ ଟାଣୁ ଥିବା ବ୍ୟବସ୍ଥା ଜୋରସୋର୍ ଚାଲିଛି । ଏସବୁ ଦିଗରେ ଶାସକ ଦଳ ସର୍ବାଗ୍ରେ ରହିଛି । ପୁଣିଥରେ ସ୍ଥାନୀୟ ବିଧାୟକ ଆଶାୟୀ ଅଛନ୍ତି । ବିଗତ ଦିନମାନଙ୍କରେ ଦଳୀୟ କର୍ମୀ ମାନଙ୍କୁ କୋଣଠେସା, ବିଭିନ୍ନ ସ୍ଥାନ ମାନଙ୍କରେ ମିଥ୍ୟା ପ୍ରତିଶୃତି, ଲୋକ ସମ୍ପର୍କର ଅଭାବ ଏବେ ତାଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ଫଳରେ ଦଳରୁ ମୁହଁ ମୋଡି ଅନ୍ୟ ଦଳରେ ସାମିଲ ହେବାରେ ଲାଗିଛନ୍ତି କର୍ମୀ । ଲାଞ୍ଜିଗଡ଼ରେ କିଏ କେଉଁ ଦଳରୁ ପ୍ରାର୍ଥୀ ହେବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ନୂଆ ପ୍ରକାର ସମୀକରଣର ଅଭାଷ ମିଳୁଛି । ଏହି ଅଞ୍ଚଳର ଜଣେ ପୁରୁଖା ନେତା ଦଳ ପରିବର୍ତ୍ତନ କରି ଅଞ୍ଚଳରେ ବିଧାୟକ ପ୍ରାର୍ଥୀ ହେବାକୁ ଯାଉଥିବାରୁ ତାଙ୍କୁ ନେଇ ଗାଁ ରୁ ସହର ଚର୍ଚ୍ଚା ଜୋର ଧରିଛି ।

ପିଇବା ପାଣି ପାଇଁ ସଂଘର୍ଷ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ୍ ନଗପଡ଼ା ପଞ୍ଚାୟତ ଅପହଞ୍ଚ ଇଲାକାରେ ସିଁଲି ମାକରଖଲିଆ ଗାଁରେ ଦେଖିବାକୁ ମିଳିଛି ପିଇବା ପାଣିର ସଙ୍କଟ । ଏଠିକାର ଲୋକେ ପାଣି ମୁନ୍ଦାଏ ପାଇଁ ତହଲବିକଳ ହେଉଥିବା ବେଳେ ଗାଁର ମହିଳା ପୁରୁଷ ସହ ଛୋଟପିଲାମାନେ ମଧ ସକାଳୁ ଗରା, ବାଲଟି ଧରି ୧ କିମି ଦୂର ଏକ ଚହଲା କୂଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି । ନୂଆପଡ଼ା ଜିଲ୍ଲା ସଦର ମହୁକମାଠାରୁ ୧୨୦ କିମି ଦୂରରେ ଅବସ୍ଥିତ ସିଁଲିମାକରଖଲିଆ ଗାଁ। ଗାଁରେ ସରକାରଙ୍କ ବସୁଧା ଯୋଜନା ଏବଂ ହରଘର ନଳ ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳିଛି । ଗାଁରେ ଥିବା ନଳକୂପରୁ ଫ୍ଲୋରାଇଡ ମିଶା ପାଣି ବାହାରୁଥିବାରୁ ବିଭାଗ ପକ୍ଷରୁ ଉକ୍ତ ନଳକୂଅରେ ନାଲିରଙ୍ଗରେ ଛକି ଚିହ୍ନ ମରାଯାଇଛି । ଫଳରେ ପାଣି ପାଇଁ ଲୋକେ ପ୍ରତିବର୍ଷ ସଂଘର୍ଷ କରୁଛନ୍ତି । ଏହି ସମସ୍ୟାର ସମାଧାନ ପାଇଁ ଲୋକେ ସରପଞ୍ଚଠୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଜଣାଇଥିଲେ ବି କିଛି ସୁଫଳ ପାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆଗକୁ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଥିବାରୁ ପିଇବା ପାଣି ପାଇଁ ଗାଁ ଲୋକଙ୍କୁ ଚିନ୍ତା ମାଡ଼ି ବସିଲାଣି। ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ଜେଇ ଅକ୍ଷୟ ସାମଲଙ୍କୁ ପଚାରିବାରୁ ମେଗା ପ୍ରକଳ୍ପ କାମ ଚାଲିଛି, ପାଣି ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ସେ କହିଥିଲେ। ଜିଲ୍ଲାପାଳ ତୁରନ୍ତ ସିଁଲି ମାକରଖଲିଆ ଗ୍ରାମବାସୀଙ୍କୁ ପାଣି ଯୋଗାଇବା ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି । ଅନ୍ୟଥା ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଧମକ ଦେଇଛନ୍ତି।

କାକାଙ୍କ ଘରକୁ ଭାଙ୍ଗିଦେବା ଘଟଣା

ମୁଖ୍ୟ ଅଭିଯୁକ୍ତଙ୍କୁ କିଏ ଦେଉଛି ସୁରକ୍ଷା

ବଲାଙ୍ଗିର/ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲାର ବହୁ ଚର୍ଚ୍ଚିତ କାକାଙ୍କ ଘରକୁ ଜେସିବିରେ ଭାଙ୍ଗିଦେବା ଘଟଣାରେ ଆଜି ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିନାହିଁ । କେଉଁ ମୁଷ୍ଟିମେୟ ଶକ୍ତିର ସୁରକ୍ଷାରେ ମୁଖ୍ୟ ଅଭିଯୁକ୍ତ ସୁବ୍ରତ କୁମାର ମହାକୁର ସୁରକ୍ଷିତ ରହିଛି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରୁଛି । ନିଜର ରକ୍ତ ସମ୍ପର୍କୀୟ କାକା ଖୁଡିଙ୍କ ଘରକୁ ଜେସିବି ସାହାଯ୍ୟରେ ଭାଙ୍ଗି ମାଟିରେ ମିଶାଇ ଦେଇଥିବା ବେଳେ ନଗଦ ୭ଲକ୍ଷ ଟଙ୍କାର ସାମଗ୍ରୀ ଲୁଟ କରି ନେଇଯାଇଥିବା ବୁଧବାର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୁବ୍ରତ ଏପର୍ଯ୍ୟନ୍ତ ପୋଲିସ୍ ଦ୍ୱାରା ଗିରଫ ହୋଇନାହିଁ । କିନ୍ତୁ ଅଭିଯୋଗ ପରେ ଜେଲ ଯାଇଥିବା ସୁବ୍ରତର ମୁଖ୍ୟ ସହଯୋଗୀ ପ୍ରକାଶ ବଘାରଙ୍କ ଜାମିନ ଆବେଦନକୁ ସୋମବାର ମୁରିବାହାଲ ଜେଏମଏଫସି କୋର୍ଟ ନାକଚ କରିଥିବା ବେଳେ ଜେଲ ଯାଇଥିବା ଜେସିବି ଡ୍ରାଇଭର ଲିଙ୍ଗରାଜ ହଂସଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ସୁବ୍ରତଙ୍କୁ ତୁରନ୍ତ ଗିରଫ କରି ସେମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶୁକ୍ରବାର ପୀଡ଼ିତ ପରିବାର ବଲାଙ୍ଗିର ଏସପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କୁ ଭେଟି ଅନୁରୋଧ କରିଥିଲେ । ଏସପି ଅତିଶିଘ୍ର ମୁଖ୍ୟ ଅଭିଯୁକ୍ତ ସୁବ୍ରତଙ୍କୁ ଗିରଫ କରାଯିବ ବୋଲି ପୀଡ଼ିତ ପରିବାରଙ୍କୁ ପ୍ରତିଶୃତି ମଧ୍ୟ ଦେଇଥିଲେ । ବିଭିନ୍ନ ଦିଗକୁ ନେଇ ତଦନ୍ତ ଜୋରଦାର କରାଯାଇଛି ମୁଖ୍ୟ ମାଷ୍ଟର ମାଇଣ୍ଡ ଅଭିଯୁକ୍ତ ସୁବ୍ରତ ଯେଉଁଠି ବି ଲୁଚିଲେ ତାଙ୍କୁ ଶୀଘ୍ର କରାଯିବ ବୋଲି ମୁରିବାହାଲ ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ଘଟଣାଟି ସମଗ୍ର ମୁରିବାହାଲ ବ୍ଲକ ସମେତ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

କପାସିଆ ଜଙ୍ଗଲରୁ କେନ୍ଦୁକାଠ କାଠ ଗଣ୍ଡି ଜବତ

ଖପ୍ରାଖୋଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଏବେ ଏକ୍ସନ ମୁଡ଼ ରେ । କିଛି ଦିନ ହେଲା ବେଆଇନ୍ ଚୋରା କାଠ କାରବାରକୁ ରୋକ୍ ଲଗାଇବାକୁ କରୁଛନ୍ତି ପ୍ରୟାସ। ପୂର୍ବରୁ ଦୁଇଟି ସ୍ଥାନରୁ ଖଇର କାଠ ଜବତ କରିବା ସହ ଏକ ବାଇକ୍ ମଧ୍ୟ ଜବତ ହୋଇଥିଲା । ସୋମବାର ପୁଣି କେନ୍ଦୁ କାଠ ଗଣ୍ଡି ଜବତ କରିଥିବା ବନବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ଧଣ୍ଡାମୁଣ୍ଡା ସେକ୍ସନ କେନ୍ଦୁଭଟା ଗାଁ ନିକଟ କପାସିଆ ଜଙ୍ଗଲରୁ ବେଆଇନ୍ ଭାବରେ କଟା ହୋଇ ପଡିଥିବା ୧୨ଟି କେନ୍ଦୁ କାଠ ଗଣ୍ଡି ଜବତ କରିଥିବା ବେଳେ ଆନୁମାନିକ ମୂଲ୍ୟ ୫୦ ହଜାର ହେବ ବୋଲି ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଚଢ଼ାଉ ବେଳେ ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ବନରକ୍ଷୀ ମଞ୍ଜୁ କୁମ୍ଭାର, ଭକ୍ତ ଗଡତ୍ୟା ସମେତ ପାରା ସ୍କ୍ୱାର୍ଡ ସାମିଲ ଥିଲେ। ଜବତ କାଠ ଖପ୍ରାଖୋଲ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ବେଳେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ରେଞ୍ଜ ଅଧିକାରୀ ନାଏକ୍ ପ୍ରକାଶ କରିଛନ୍ତି।

ଶୁଣ୍ଢି ସମାଜର ଜିଲ୍ଲାସ୍ତରୀୟ ସମାବେଶ ବିବାହ ଯୋଗ୍ୟ ପୁଅ ଝିଅଙ୍କ ଯୋଗାଯୋଗ ସମ୍ମିଳନୀ

ବରଗଡ଼,(ସବ୍ୟୁ): ଶୁଣ୍ଢି ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ସମାବେଶ ତଥା ବିବାହ ଯୋଗ୍ୟ ପୁଅ ଝିଅଙ୍କର ଯୋଗାଯୋଗ ସମ୍ମେଳନ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ୨୪ ଜଣ ପୁଅ ଝିଅଙ୍କ ବିବାହ ପ୍ରସ୍ତାବ ଆଗତ ହୋଇଥିଲା । ଜିଲ୍ଲାର ସବୁ ବ୍ଲକ ତଥା ସୋନପୁର, ସମ୍ବଲପୁର,ବଲାଙ୍ଗିର,ଝାରସୁଗୁଡ଼ା ଓ ଛତିଶଗଡ଼ରୁ ପ୍ରତିନିଧି ଯୋଗଦାନ କରିଥିଲେ । ନାରୀ ସଂଗଠନ ଓ ଯୁବ ସଂଗଠନକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଗରିବ ଶ୍ରେଣୀର ଲୋକଙ୍କୁ କିପରି ସାହାଯ୍ୟ କରାଯାଇପାରିବ ସେ ବିଷୟରେ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ସମାଜର ଜଣେ ଗରିବ ମହିଳାଙ୍କୁ ଏକ ସିଲେଇ ମେସିନ ପ୍ରଦାନ କରାଯାଇଥିଲା । ନିଜ ଜାତି ଓ ଅନ୍ୟ ଜାତି ମଧ୍ୟରେ ସଦ୍ଭାବନା ସକାଶେ ଯାଦବ ସମାଜର ସଭାପତି ଅମରେନ୍ଦ୍ର ନାରାୟଣ ଯାଦବ ଓ ଭୁଲିଆ ସମାଜର ସଭାପତି ରାମକୃଷ୍ଣ ମେହେର ଅତିଥି ରୂପେ ଯୋଗଦେଇ ମତାମତ ରଖିଥିଲେ । ସମାରୋହରେ ସମାଜର ସର୍ବଭାରତୀୟ ଉପ ସଭାପତି ପ୍ରତାପ ବେହେରା ଯୋଗଦେଇ ଜଣେ ମହିଳାଙ୍କୁ ସିଲେଇ ମେସିନ ପ୍ରଦାନ କରିଥିଲେ । ସମାଜର ରାଜ୍ୟସ୍ତରୀୟ କାର୍ଯ୍ୟକାରୀ ସଭାପତି ପୃଥ୍ୱୀରାଜ ବେହେରା ମଞ୍ଚାସୀନ ଥିଲେ । ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସୋନେପୁର ଜିଲ୍ଲା ସଭାପତି ଯଥାକ୍ରମେ ଖଡିରନ୍ ବେହେରା,ନବୀନ ବେହେରା,ଗୁନା ସାହୁ ଓ ସତ୍ୟନାରାୟଣ ସାହୁ ଯୋଗ ଦେଇଥିଲେ । ଉକ୍ତର ପାଣ୍ଡବ ବେହେରା ସଭା ପରିଚାଳନା କରିଥିଲେ,ଶରତ ବେହେରା,ନୀଳମାଧବ ସାହୁ,ମୋରାରଜୀ ସାହୁ,ପ୍ରକାଶ ସାହୁ,ନିରଞ୍ଜନ ସାହୁ (୨)ଗୁରୁନା ସାହୁ,ଅଶୋକ ବେହେରା,ବାହାଦୁର ବେହେରା,ଅଶୋକ ପରିଡ଼ା,ଶିବ ବେହେରା,ସୁଧୀର ସାହୁ ଓ ସୁରାଲି ବେହେରା ,ଯୁବ ସଭାପତି ରାଜକିରନ୍ ନାୟକ ସଭା ପରିଚାଳନାରେ ସାହାଯ୍ୟ କରିଥିଲେ । ଅଧାପିକା ଅନୁପମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ନିର୍ବାଚନ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ ତତ୍ପର

ଜିଲ୍ଲାରେ ୬୮ଟି ମାଓପ୍ରବଣ ବୁଥ ଚିହ୍ନଟ

ବୌଦ୍ଧ,(ସବ୍ୟୁ): ଦେଶରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଗତକାଲି ତାରିଖ ଘୋଷଣା ହେବା ପରେ ବୌଦ୍ଧ ଜିଲ୍ଲାରେ ନିର୍ବାଚନ ପରିଚାଳନା ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ଗୃହରେ ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ମତଦାନ ଏକ ମହାନ ପର୍ବ ବୋଲି କହିବା ସହ ଜିଲ୍ଲାର ସମସ୍ତ ମତଦାତା ମତଦାନ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। ବୌଦ୍ଧ ଜିଲ୍ଲାରେ କନ୍ଧମାଳ ଲୋକସଭା ସହିତ ବୌଦ୍ଧ ବିଧାନସଭା ଓ କଂଟାମାଳ ବିଧାନ ସଭା ପାଇଁ ଆସନ୍ତା ମେ ୨୦ ତାରିଖରେ ଭୋଟ ଗ୍ରହଣ କରାଯିବ । ଜିଲ୍ଲାରେ ଯେପରି ଶାନ୍ତି, ଶୃଙ୍ଖଳା ସହ ଅବାଧ, ସ୍ୱଚ୍ଛ ଓ ନିରପକ୍ଷ ନିର୍ବାଚନ ହୋଇପାରିବ ସେ ନେଇ ଜିଲ୍ଲାପାଳ ଶ୍ରୀ ସୋନାଲ ଗୁରୁତ୍ୱ ଦେଇଥିଲେ। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଥିଲେ। ବୌଦ୍ଧ ଜିଲ୍ଲାରେ ୩ଲକ୍ଷ ୩୩ ହଜାର ୫୫୭ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୧ଲକ୍ଷ ୭୧ ହଜାର ୬୮ ଜଣ ଥିବା ବେଳେ ମହିଳା ଭୋଟର ସଂଖ୍ୟା ୧ଲକ୍ଷ ୬୨ହଜାର ୪୮୦ ରହିଛି । ତୃତୀୟଲିଙ୍ଗ ଭୋଟର ସଂଖ୍ୟା ୯ ଜଣ ରହିଅଛି। ଭୋଟଦାନ ପାଇ ଜିଲ୍ଲାରେ ସମୁଦାୟ ୪୧୧ ଗୋଟି ମତଦାନ କେନ୍ଦ୍ର ହୋଇଥିବା ବେଳେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇ ୧୯୪ ଗୋଟି ବୁଥ ହୋଇଥିବା ବେଳେ କଂଟାମାଳ ନିର୍ବାଚନ ମଣ୍ଡଳୀ ପାଇଁ ୨୧୭ ଗୋଟି ବୁଥ କରାଯାଇଅଛି। । ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ୪୧୧ ଜଣ ପ୍ରିଜାଇଂଡି ଅଫିସର , ୨୦୫୫ ଜଣ ପୋଲିଂ ଅଫିସର ଓ ୫୯ ଜଣ ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଥିବା କହିଥିଲେ। ଏହା ସହ ନିର୍ବାଚନ ନେଇ କିଛି ଅସୁବିଧା ଦେଖାଦେଲେ ସେ ନେଇ ହେଲଲାଇନ ନମ୍ବର ୧୯୫୦କୁ ଅଭିଯୋଗ କରିବାକୁ ଜିଲ୍ଲାପାଳ ଶ୍ରୀ ସୋନାଲ କହିଥିଲେ। ନିର୍ବାଚନ ପାଇଁ ଇସ୍ତାହାର ତାରିଖ ଅପ୍ରିଲ ୨୬ ତାରିଖ ହୋଇଥିବା ବେଳେ ଏହି ଦିନ ଠାରୁ ପ୍ରାର୍ଥୀ ମାନେ ସେମାନଙ୍କ ପ୍ରାର୍ଥୀ ପତ୍ର ଦାଖଲ କରିପାରିବେ । ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ମେ ମାସ ୩ ତାରିଖ ରହିଥିବା ବେଳେ ପ୍ରାର୍ଥୀପତ୍ର ଦାଖଲ ଶେଷ ସମୟ ଅପରାହ୍ନ ୩ଟା ପର୍ଯ୍ୟନ୍ତ ରହିଛି। ନାମାଙ୍କନ ପତ୍ର ମେ ୪ ତାରିଖ ଯାଞ୍ଚ ଥିବା ବେଳେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଦିବସ ମେ ୬ ତାରିଖ ରହିଛି ଓ ମେ ୨୦ ତାରିଖରେ ଭୋଟ ଗ୍ରହଣ କରାଯିବ । ଜିଲ୍ଲାରେ ଜୁନ ୪ ତାରିଖରେ ଭୋଟ ଗଣତି ହେବ ବୋଲି ଜିଲ୍ଲାପାଳ ଶ୍ରୀ ସୋନାଲ କହିଥିଲେ । ସହରର ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର ହୋଇଥିବା ବେଳେ ସେଠାରେ ମଧ୍ୟ ଷ୍ଟ୍ରଙ୍ଗ ରୁମ କରାଯାଇଛି । ଜିଲ୍ଲାରେ ଥିବା ସମସ୍ତ ହୋଡିଂ, ବ୍ୟାନରକୁ ହଟା ଯାଇଥିବା ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଂ ଅଧିକାରୀ ଭାବେ ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ କଂଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ରିଟର୍ଣ୍ଣିଙ୍ଗ ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଂଜନ ମଦନ ମୋହନ ପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ରାଜନୈତିକ ଦଳ ଗୁଡିକ ଯେପରି ଭୋଟରକୁ ପ୍ରଭାବିତ କରାଯିବା ନେଇ ଓ ବେଆଇନ କାର୍ଯ୍ୟକଳାପ ଉପରେ ପ୍ରଶାସନ ପକ୍ଷରୁ ତୀକ୍ଷଣ ନଜର ରଖାଯିବ ବୋଲି ଜିଲ୍ଲାପାଳ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ ଯୋଗଦେଇ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଯେପରି ହୋଇପାରିବ ସେ ନେଇ ପୁଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଥିବା କହିବା ସହ ୨ ପ୍ଲାଟୁନ କେନ୍ଦ୍ରୀୟ ଫୋର୍ସ, ଏସଓଜି ଓ ୫୦୦ରୁ ଅଧିକ ପୁଲିସ କର୍ମଚାରୀ ନିୟୋଜିତ କରାଯିବ ବୋଲି କହିଥିଲେ । ଜିଲ୍ଲାରେ ୬୮ ଗୋଟି ମାଓପ୍ରବଣ ବୁଥ ଚିହ୍ନଟ ହୋଇଥିବା ବେଳେ କଂଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳିରେ ୪୬ ଓ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳିରେ ୨୨ ଗୋଟି ବୁଥ ଚିହ୍ନଟ ହୋଇଛି । କୌଣସି ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାର ମାଓ ପ୍ରବଣ ଅଞ୍ଚଳ ଗୁଡିକରେ ୧୦ ଗୋଟି ଅସ୍ଥାୟୀ ହେଲିପେଡ ନିର୍ମାଣ କରାଯାଇଛି , ମାଓ ଗତିବିଧି ଉପରେ ତୀକ୍ଷଣ ନଜର ରଖାଯାଇଥିବା ଏସପି କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ ଦାରିଦ୍ର୍ୟ ଭଂଜନ ମଦନ ମୋହନ ପାତ୍ର, ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଡେପୁଟି କଲେକ୍ଟର (ଇଲେକସନ)ଶାଶ୍ୱତ ପ୍ରଧାନ , ଜିଲ୍ଲା ସଚନା ଓ ଲୋକ ସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ପୂର୍ବରୁ ଜିଲ୍ଲପାଳ ବିଭିନ୍ନ ରାଜନୈତିକ ଦଳ ସହ ନିର୍ବାଚନ ପରିଚାଳନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

ଆଇଆଇଏମ୍‌ରେ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପାଠ୍ୟକ୍ରମ

ସମ୍ବଲପୁର,(ସବ୍ୟୁ): ଆଇଆଇଏମ୍-ସମ୍ବଲପୁରରେ ୨୦୨୪-୨୬ ବର୍ଷ ପାଇଁ ଦୁଇ ବର୍ଷିଆ ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ପାଠ୍ୟକ୍ରମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ପ୍ରାର୍ଥୀମାନେ ଆସନ୍ତା ୩୧ ତାରିଖ ସୁଦ୍ଧା ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଆବେଦନ କରିବା ପାଇଁ ସ୍ନାତକ ଡିଗ୍ରୀ କିମ୍ବା ସମକକ୍ଷ ପାଠ୍ୟକ୍ରମରେ ୫୦ ପ୍ରତିଶତ ମାର୍କ ଏବଂ ତିନି ବର୍ଷର ପରିଚାଳନା ଏବଂ ବୃତ୍ତିଗତ ଅଭିଜ୍ଞତା ଥିବା ଆବଶ୍ୟକ। ଏ ସଂପର୍କରେ ଆଇଆଇଏମ୍-ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୟସ୍ୱାଲ କହିଛନ୍ତି ଯେ, ପାଠ୍ୟକ୍ରମରେ ଅଂଶଗ୍ରହଣକାରୀମାନଙ୍କୁ ଉଦ୍ୟୋଗୀ ଦକ୍ଷତା ପ୍ରଦାନ ସହିତ ସେମାନଙ୍କ ବ୍ୟବସାୟିକ ରଣନୀତିକୁ ଉନ୍ନତ କରିବା। ବ୍ୟକ୍ତିଗତ ବିକାଶକୁ ସକ୍ରିୟ କରିବା, ସଂଗଠନ ଗୁଡ଼ିକୁ ପରିବର୍ତ୍ତୀ ସ୍ତରକୁ ନେବା ଓ ଦାୟିତ୍ୱବାନ୍ ନେତୃତ୍ୱ ଗଠନ କରିବା ଏହି ପାଠ୍ୟକ୍ରମର ବିଶେଷତ୍ୱ। ସମସାମୟିକ ଏବଂ ପ୍ରାସଙ୍ଗିକତାକୁ ଆଧାର କରି ପାଠ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଡିଜିଟାଲ ରୂପାନ୍ତରଣ, ନିରନ୍ତରତା, ଡାଟା ଆନାଲିଟିକ୍‌ସ ଏବଂ କର୍ପୋରେଟ୍ ଉଦ୍ୟୋଗକୁ ଏହି ପାଠ୍ୟକ୍ରମ ବିଶେଷଜ୍ଞତା ପ୍ରଦାନ କରିବ । ଏହି ପାଠ୍ୟକ୍ରମ ଉଚ୍ଚ ସଂଜ୍ଞା ଓ ଆଭାସୀ ଆଧାରିତ ଭର୍ଚୁଆଲ ଶ୍ରେଣୀ କକ୍ଷକୁ ନେଇ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଓ ଅଫଲାଇନ୍ ମୋଡ଼ରେ ହେବ ବୋଲି କୁହାଯାଇଛି।